# ଆନ୍ତର୍ଜାତିୟ୍ ମହିଳା ଦିବସ ପାଳିତ ।

ଅନୁଗୋଳ ୦୮.୦୩ :- ମହିଳାମାନଂକୁ ବିଭିନ୍ନ କ୍ଷେତ୍ରରେ ଥିବା ସେମାନଂକର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମିମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ୍ ଆନ୍ତର୍ଜାତିୟ୍ ମହିଳା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସମାଜ ମଂଗଳ,ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜେ ଏସ୍ ପି ଏଲ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସହ ଗ୍ରାମାଂଚଳରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ଭିତ୍ତିକ ଯୋଜନା ସହ ଅନ୍ୟାନ୍ୟ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତାରେ ମହିଳାମାନଂକର ବିଶେଷ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ । ନାରୀ ଅବଳା ଦୁର୍ବଳା ନୁହଁନ୍ତି, ସେ ରାମାୟ୍ଣର ସତୀ ସୀତା ଓ ଇତିହାସର ସାହାସୀ ରାଣୀ ଲକ୍ଷ୍ମୀବାଇଂକ ପରି ନିଜର ପରିଚୟ୍ ସୃଷ୍ଟି କରିପାରିଛନ୍ତି । ସେମାନଂକର ସାମାଜିକ,ସାମ୍ବିଧାନିକ,ଅର୍ଥନୈତିକ ଓ ରାଜନୈତିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ଆଜିର ନାରୀ ତାର ଅନ୍ତର୍ନିହିତ ଶକ୍ତି ଓ ଦକ୍ଷତା ବଳରେ ପରିବାରର ଆର୍ଥିକ ସ୍ଥିତିରେ ସହାୟ୍ତା ହେବା ସହ ରାଜ୍ୟ ତଥା ଦେଶର ପ୍ରଗତିରେ ଆଗେଇ ଆସିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ । ମହିଳାମାନେ ପୁରୁଷମାନଂକ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ନିଜ, ମଧ୍ୟରେ ଥିବା ହୀନମନ୍ୟତାକୁ ଦୂର କରିବା ସହ ମାନସିକତାରେ ପରିବର୍ତ୍ତନ ଆଣିଲେ ଦେଶର ପ୍ରଗତି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ସାଂପ୍ରତିକ ପରିସ୍ଥିତିରେ ବିଶ୍ୱ ସ୍ତରରେ ସବୁଠାରୁ ବଡ ବିପର୍ଯ୍ୟୟ୍ ସୃଷ୍ଟି କରିଥିବା କରୋନା ଭାଇରସ୍ ସମ୍ପର୍କରେ ସଚେତନ ହୋଇ ଅନ୍ୟମାନଂକୁ ସଚେତନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ଡ.ଇନ୍ଦିରା ଦାସ , ଜିଲ୍ଲା ସମାଜ ମଂଗଳ ବିଭାଗର ସ୍ଥାନୀୟ୍ ଅଭିଯୋଗ କମିଟିର ଅଧ୍ୟକ୍ଷା ଅର୍ଚ୍ଚନା ପଟ୍ଟନାୟକ ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ, ପୋଲିସ୍ ଇନିସ୍‌ପେକ୍ଟର ଯାଜ୍ଞସେନୀ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ୍ର ଓ୍ୱାନ ଷ୍ଟପ୍ ସେଣ୍ଟର ସଖୀର ସସ୍ମିତା ସାହୁ, ଜେ ଏସ୍ ପି ଏଲ୍ (ସି ଏସ୍ ଆର)ର ଜେନେରାଲ ମ୍ୟାନେଜର ପୁଷ୍ପଲତା ଶତପଥି ପ୍ରମୁଖ ଯୋଗ ଦେଇ ମହିଳାମାନଂକର ଅଧିକାର ଓ ସେମାନଂକ ପାଇଁ ଉଦ୍ଧିଷ୍ଟ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଆସି,ଡି ଏସ୍ ର ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଆନ୍ତର୍ଜାତିକ ମହିଳା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଂକର ବେହେରା ଏହି

କାର୍ଯ୍ୟକ୍ରମକୁ ସଂଚାଳନା କରିବା ସହ  ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଆରମ୍ଭ ହୋଇଥିବା ଦସ୍ତଖତ ଅଭିଯାନରେ ଜିଲ୍ଲାପାଳଂକ ସମେତ ଅନ୍ୟ ସମସ୍ତ ପଦାଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଦସ୍ତଖତ କରିଥିଲେ । ବିଭିନ୍ନ ଆୟ ଉତ୍ପାଦନକାରୀ କାର୍ଯ୍ୟ ପାଇଁ ସଫଳତା ହାସଲ କରିଥିବା ବଅଁରପାଳ ବ୍ଲକର ମା ହିଂଗୁଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛେଣ୍ଡିପଦା ମା ହିଂଗୁଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ତାଳଚେର ବ୍ଲକର ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା କିଶୋରୀ ରକ୍ତହିନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଗୋଳ ବ୍ଲକର ବାଦିବାହଲ ଅଂଗନୱାଡି କେନ୍ଦ୍ରର ବିନତ ସାହୁ ଓ ସୋମନାଥପୁର ଅଂଗନୱାଡି କର୍ମୀ ସୁମତି ଦାସ, ବଅଁରପାଳ ବ୍ଲକର ଶାସନ-ଗ ର ଅଂଗନୱାଡି କର୍ମୀ ସୁପ୍ରଭା ସରଂକୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଅପପୃଷ୍ଟିର ଦୂରିକରଣ ନିମନ୍ତେ ଅଭିନବ ଉପାୟ ଅବଲମ୍ବନ କରିଥିବା ପାଲଲହଡା ବ୍ଲକର ନୂଆଗାଁ ଅଂଗନୱାଡି କର୍ମୀ ବାସନ୍ତୀ ବାଗେ ଓ ସିଆରିଆ ଅଂଗନୱାଡି କେନ୍ଦ୍ରର ରୂପାରାଣୀ ପ୍ରଧାନଂକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଂଗନୱାଡି କର୍ମୀ , ସୁପରଭାଇଜର, ସି ଡି ପି ଓ, ସ୍ୱେଚ୍ଛାସେବୀ, ଜିଲ୍ଲା ସମାଜ ମଂଗଳ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀମାନେ ଯୋଗ ଦେଇଥିଲେ ।




JSPL FOUNDATION


INTERNATIONAL WOMEN'S DAY,
Signature Stand

